# ଓଡ଼ିଆ ସାହିତ୍ୟ ଓ ଭାଗବତର ନବଧା ଭକ୍ତିରେ ରଥଯାତ୍ରା

● ଶ୍ରୀ ଦୁର୍ଗାପ୍ରସାଦ ମହାପାତ୍ର

ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାବାସୀଙ୍କର ସର୍ବସ୍ୱ । ଉତ୍କଳର ସାହିତ୍ୟ, ସଂସ୍କୃତି ଓ କଳା ସବୁ କିଛି ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ପରିପୁଷ୍ଟ, ପ୍ରତିଷ୍ଠିତ ଓ ପ୍ରସାରିତ । ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳୀୟଙ୍କର ପ୍ରାଣ କେନ୍ଦ୍ର । ତେଣୁ ଜଗନ୍ନାଥଙ୍କର ସତ୍ତା ଉତ୍କଳୀୟ ରୀତିନୀତି, ପର୍ବପର୍ବାଣୀ ତଥା ଜନଜୀବନରେ ପ୍ରତିଭାତ ।

ଶ୍ରୀଜଗନ୍ନାଥଙ୍କର କ୍ଷେତ୍ରର ବର୍ଣ୍ଣନା ଓ ସ୍ୱରୂପ ଲୀଳା ସମ୍ବନ୍ଧରେ ଅନେକ ଗ୍ରନ୍ଥରେ ବର୍ଣ୍ଣିତ ହୋଇଥିବାର ଦୃଷ୍ଟିଗୋଚର ହୁଏ । ଓଡ଼ିଆ ଭାଷା ବ୍ୟତିରେକେ ବହୁ ଲେଖକ ଓ କବି ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଲୀଳା ଓ ପ୍ରସିଦ୍ଧ ରଥଯାତ୍ରା ସମ୍ବନ୍ଧରେ ଅନ୍ୟ ଭାଷାରେ ଗ୍ରନ୍ଥ ସବୁ ରଚନା କରିଥିବା ମଧ୍ୟ ଦେଖିବାକୁ ମିଳେ । ଏହି ସମ୍ବନ୍ଧରେ ଯେତେଗୁଡ଼ିଏ ଲେଖା ଅଛି, ତନ୍ମଧ୍ୟରେ ସଂସ୍କୃତରେ ଲିଖିତ ହଳଧର ମିଶ୍ରଙ୍କ 'ବସନ୍ତୋତ୍ସବ କାବ୍ୟ', ବକ୍ରବାକ୍ ଚକ୍ରପାଣି ପଟ୍ଟନାୟକଙ୍କ 'ଗୁଣ୍ଡିଚା ଚମ୍ପୂ', ଭଗବତ ବ୍ରହ୍ମାଙ୍କ 'ଗୁଣ୍ଡିଚୋତ୍ସବ ବର୍ଣ୍ଣନ' ମହାମହୋପାଧ୍ୟାୟ ନରହରି ପଣ୍ଡାଙ୍କ ମେଘଦୂତର 'ବ୍ରହ୍ମପ୍ରକାଶିକା ଟୀକା', ବ୍ରଜନାଥ ବଡ଼ଜେନାଙ୍କର ହିନ୍ଦିରେ ରଚିତ 'ଗୁଣ୍ଡିଚା ବିଜେ' ପ୍ରଭୃତି ଉଲ୍ଲେଖଯୋଗ୍ୟ । ଓଡ଼ିଆ ସାହିତ୍ୟରେ ରଥଯାତ୍ରାର ବର୍ଣ୍ଣନା ହିଁ ଆଲୋଚ୍ୟର ବିଷୟ ବସ୍ତୁ ।

ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଯେଉଁ ତିନିଗୋଟି ଯାତ୍ରା ପ୍ରସିଦ୍ଧ, ତନ୍ମଧ୍ୟରେ ଗୁଣ୍ଡିଚା ଯାତ୍ରା (ରଥଯାତ୍ରା) ସର୍ବଶ୍ରେଷ୍ଠ । ଏହି ତିନିଗୋଟି ଯାତ୍ରା ହେଉଛି :-

**ଦୋଳାୟାଂ ଦୋଳଗୋବିନ୍ଦଂ ଚାପେ ଚ ମଧୁସୂଦନଂ ।**
**ରଥେ ତୁ ବାମନଂ ଦୃଷ୍ଟ୍ୱା ପୁର୍ନଜନ୍ମଂ ନ ବିଦ୍ୟତେ ॥**

ଅର୍ଥାତ୍ - ଫଗୁଣମାସରେ ଦୋଳଯାତ୍ରାରେ ଶ୍ରୀଜଗନ୍ନାଥ ଦୋଳଗୋବିନ୍ଦ ରୂପରେ ଅଭିହିତ ହେଉଥିବା ବେଳେ ବୈଶାଖ ମାସରେ ଚନ୍ଦନ ଯାତ୍ରା ସମୟରେ ନରେନ୍ଦ୍ର ପୁଷ୍କରିଣୀର ଚାପରେ ମଧୁସୂଦନ ରୂପେ କଥିତ ହୋଇଥାନ୍ତି (ଏଥିରେ ପ୍ରଭୁଙ୍କର ଚଳନ୍ତି ପ୍ରତିମା ବିଜେ ହୁଅନ୍ତି) । ଆଷାଢ଼ ମାସର ଶୁକ୍ଳ ଦ୍ୱିତୀୟାରେ ଯେତେବେଳେ ପ୍ରଭୁ ଗୁଣ୍ଡିଚା ଯାତ୍ରାକୁ ବାହାରି ରଥରେ ବିଜୟ କରନ୍ତି, ସେତେବେଳେ ସେ ବାମନ ରୂପରେ ପରିଚିତ ହୁଅନ୍ତି । ତେଣୁ ଯେଉଁ ବ୍ୟକ୍ତି ତିନି ଯାତ୍ରାରେ ପ୍ରଭୁଙ୍କୁ ଆନ୍ତରିକ ଶ୍ରଦ୍ଧାରେ ଦର୍ଶନ କରନ୍ତି, ସେମାନଙ୍କର ପୁର୍ନଜନ୍ମ ହୁଏ ନାହିଁ ବୋଲି ବିଶ୍ୱାସ କରାଯାଏ ।

ଏହି ଗୁଣ୍ଡିଚା ଯାତ୍ରାର ବର୍ଣ୍ଣନା କରି କବି ଦୀନକୃଷ୍ଣ ତାଙ୍କ ରଚିତ 'ଜଗମୋହନ ଛାନ୍ଦ'ର ଅଷ୍ଟମ ଛାନ୍ଦରେ କହିଛନ୍ତି:-

**ଶ୍ରୀଗୁଣ୍ଡିଚା ବୋଲି ତୁଣ୍ଡେ କୀର୍ତ୍ତନ କଲେ**
**ସମସ୍ତ ବେଦନାମାନ ତୁଟଇ ଭଲେ ।**

ପୁନଶ୍ଚ କବି ମଦନ ଗୋପାଳଙ୍କ ସହ ଚତୁର୍ଦ୍ଧାମୂର୍ତ୍ତିଙ୍କର ରଥ ବିଜୟ ପ୍ରସଙ୍ଗରେ ନବମ ଛାନ୍ଦରେ ଅତ୍ୟନ୍ତ ସରଳ ଓ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି :-

**ବଳଦେବଙ୍କୁ ଆଗରେ କରି**
**ସିନ୍ଦୁରିଗନ୍ତା ପାଗକୁ ଧରି**
**ନୀଳାଦ୍ରିନଗରୁ ବାହାର ଜଗଦୀଶ୍ୱର**
**ସ୍ନେହ ଭାବରୁ ସୁଭଦ୍ରା ସଙ୍ଗେ**
**ସୁଦରଶନ ବିଜୟ ରଙ୍ଗେ**
**ମଦନ ଗୋପାଳଙ୍କୁ ଘେନି ବିଜୟେ ରଥେ ।**

କବିଙ୍କର ଜଗମୋହନ ଛାନ୍ଦ ଛଡ଼ା, ମଧୁମଙ୍ଗଳର ନବମ ଛାନ୍ଦ ଓ ରସକଲ୍ଲୋଳର ପଚିଶି ଛାନ୍ଦରେ ଏକାପରି ଗୋଟିଏ ପଦରେ ଗୁଣ୍ଡିଚା ଯାତ୍ରାର ବର୍ଣ୍ଣନା ଦେଖିବାକୁ ମିଳେ । ଦୀନକୃଷ୍ଣଙ୍କ ପରବର୍ତ୍ତୀ କବି ଲୋକନାଥ ବିଦ୍ୟାଧରଙ୍କ 'ନୀଳାଦ୍ରି ମହୋତ୍ସବ' ଜଗନ୍ନାଥଙ୍କ ସଂପର୍କୀୟ ଏକ ବିଶିଷ୍ଟ ଗ୍ରନ୍ଥ । କବି ଡ଼ାହୁକ ଓ ସାରଥି ପ୍ରଭୃତିଙ୍କ ବର୍ଣ୍ଣନା କରି ଲେଖିଛନ୍ତି -

**ଧରନ୍ତି ଦଉଡ଼ି ହୋଇ ଧାଡ଼ି ଧାଡ଼ି**
**ଏ ପ୍ରକାରେ ପ୍ରତି ସ୍ୟନ୍ଦନ**
**ସୁନ୍ଦର ଘୋଟକ ଉପରେ ବାହୁକ**
**ବିରାଜେ ଯେମନ୍ତ ଶୋଭନ**
**ମୁକୁଳ କରି ସେ ଚିକୁର ନିକର**
**କୁଗତି ଦେଖାଇ ରସନା ବୁଲାଇ**
**ନାନାଭଙ୍ଗିରେ ଚାଳି କର**
**ତୁଚ୍ଛ ପଦମାନ କରନ୍ତି ଗାୟନ**
**ଏମନ୍ତ ହୋଇ ସେ ଦାରୁକ ।**

ଏହି ପରିପ୍ରେକ୍ଷୀରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟ ପ୍ରସଙ୍ଗ କ୍ରମେ ତାଙ୍କ ରଚିତ 'କୋଟିବ୍ରହ୍ମାଣ୍ଡସୁନ୍ଦରୀ' ଓ

'ବୈଦେହୀଶ ବିଳାସ' କାବ୍ୟରେ ଗୁଣ୍ଡିଚା ଯାତ୍ରାର ଅବତାରଣା କରିଥିବା ଦେଖିବାକୁ ମିଳେ । ସ୍ନାନ ଓ ଗୁଣ୍ଡିଚା ଜଗନ୍ନାଥଙ୍କର ସ୍ୱୟଂ ଲୀଳା । ପତିତମାନଙ୍କର ଉଦ୍ଧାରଣ ନିମନ୍ତେ ବର୍ଷରେ ଥରେ ସ୍ୱୟଂ ବାହାରୁଥିବା ବେଳେ ଅନ୍ୟାନ୍ୟ ଯାତ୍ରାରେ ଚଳନ୍ତି ପ୍ରତିମା ବିଜେ ହୋଇଥାନ୍ତି । କବି ଏ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି :-

**ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର**
**ପତିତ ପାବନ ଅର୍ଥେ ପ୍ରାସାଦୁ ବାହାର**

ଉପେନ୍ଦ୍ର ଭଞ୍ଜ ତାଙ୍କ ରଚିତ 'ବୈଦେହୀଶ ବିଳାସ'ରେ ରାମଚନ୍ଦ୍ରଙ୍କ ବନଗମନକୁ ଏକାମ୍ର ଗୁଣ୍ଡିଚା ରୂପେ ସପ୍ତଦଶ ଛାନ୍ଦର ଅଣଚାଳିଶ ପଦରେ ବର୍ଣ୍ଣନା କରିଥିବା ବେଳେ, ସେହି କାବ୍ୟର ଏକାବନଛାନ୍ଦ ତେତିଶ ପଦରେ ଶ୍ରୀରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଦୃଶ୍ୟକୁ ଶ୍ରୀକ୍ଷେତ୍ରର ଗୁଣ୍ଡିଚା ସହ ତୁଳନା କରିଛନ୍ତି । ସେହିପରି ଭଞ୍ଜଙ୍କ ପରବର୍ତ୍ତୀ ସମୟରେ କବି ବିଶ୍ୱନାଥ ଖୁଣ୍ଟିଆ ତାଙ୍କ ରଚିତ ବିଚିତ୍ର ରାମାୟଣରେ ଜଗନ୍ନାଥଙ୍କ ସ୍ତୁତି ସହ ଗୁଣ୍ଡିଚାର ବର୍ଣ୍ଣନା ସୂଚାଇବାକୁ ଯାଇ ଲେଖିଛନ୍ତି:-

**ଦ୍ୱାଦଶ ଯାତ୍ରାରୁ ତିନିଯାତ୍ରା ସାର**
**ଦୋଳ, ସ୍ନାନ, ଶ୍ରୀଗୁଣ୍ଡିଚା ।**
**ସକଳ ଜୀବର ଅବ ଲୋକନରେ ପାତକ ସମୂହ ମୁଞ୍ଚା ॥**
**ଶ୍ରୀଜଗନ୍ନାଥ ଚଢ଼ିଣ ନନ୍ଦିଘୋଷ ରଥ ଗୁଣ୍ଡିଚା ଘରୁ ବିଜୟ**
**ଦେଖି ନାଗ ନର ଗନ୍ଧର୍ବ କିନ୍ନର କରୁଥାନ୍ତି ଜୟଜୟ ॥**

**(ଆଦ୍ୟକାଣ୍ଡ)**

ସେହିପରି ଗୁଣ୍ଡିଚା ବର୍ଣ୍ଣନା କରିବାକୁ ଯାଇ ରାଜା ପଦ୍ମନାଭ ଶ୍ରୀଚନ୍ଦନ ମଧ୍ୟ ତାଙ୍କର କୃତି 'ଶଶିରେଖା' କାବ୍ୟରେ ଜଗନ୍ନାଥଙ୍କୁ ବନ୍ଦନା କରି ରଥଯାତ୍ରାର ଶ୍ରେଷ୍ଠତା ପ୍ରତି ପାଦନ କରି ଲେଖିଛନ୍ତି :-

**ତଥି ମଧ୍ୟେ ଅତି ଶ୍ରେଷ୍ଠ ଗୁଣ୍ଡିଚା ଉତ୍ସବ ।**
**ଚତୁର୍ଦ୍ଦଶ ବ୍ରହ୍ମାଣ୍ଡରେ ଅଟେ ସେ ଦୁର୍ଲ୍ଲଭ ॥**

ଏହି ରଥଯାତ୍ରାକୁ ଶ୍ରେଷ୍ଠତା ଦେଇ ଯଶୋବନ୍ତ ଦାଶ ତାଙ୍କ 'ପ୍ରେମଭକ୍ତି ବ୍ରହ୍ମଗୀତା'ର ପଞ୍ଚମ ଅଧ୍ୟାୟରେ ନିମ୍ନମତେ ବର୍ଣ୍ଣନା କରିଥିବା ଦେଖାଯାଏ :-

**ପହଣ୍ଡି ବିଜୟ କରନ୍ତି ତିନି ରଥେ ତିନି ମୂର୍ତ୍ତି**
**ବିଜୟ ଏ ବଡ଼ ଦାଣ୍ଡରେ ଚତୁର୍ଦ୍ଧା ରୂପଧୀରେଧୀରେ**
**ରଥ ଦିଶନ୍ତି ମେରୁ ଜାଣି ଚନ୍ଦ୍ର ମଣ୍ଡଳ ପରିମାଣି**

ଏହି ରଥଯାତ୍ରାକୁ ରାମଦାସ ତାଙ୍କ ରଚିତ 'ଦାଢ଼୍ୟତାଭକ୍ତି'ରେ ବର୍ଣ୍ଣନା କରି ଚତୁର୍ଦ୍ଦଶ ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି:-

**ଅଶେଷଜନଙ୍କର ହିତେ ବିଜୟ ନନ୍ଦିଘୋଷ ରଥେ**
**ଶ୍ରୀନନ୍ଦିଘୋଷ ଚଳିବାରେ ଆନନ୍ଦକେ କହୁ ସଂସାରେ**

ଏ ସମସ୍ତ କାବ୍ୟ ବ୍ୟତିରେକେ ପୀତାମ୍ବର ଦାସଙ୍କ 'ନୃସିଂହ ପୁରାଣ'ର ସପ୍ତମ ରତ୍ନାକର ମହାଦେବ ଦାସଙ୍କ 'ମାର୍କଣ୍ଡେୟ ପୁରାଣ', ମଧୁସୂଦନ ଦାସକୃତ 'ନୀଳାଚଳ' ଇତ୍ୟାଦି ବହୁ ଲେଖକ ଓ କବିଙ୍କର ଲେଖାରେ ରଥଯାତ୍ରାର ବର୍ଣ୍ଣନା କରାଯାଇ ତାହାର ଶ୍ରେଷ୍ଠତା ପ୍ରତିପାଦନ କରାଯାଇଥିବା ଦେଖିବାକୁ ମିଳେ ।

ଉପରୋକ୍ତ ସାହିତ୍ୟିକତାରେ ରଥଯାତ୍ରାକୁ ଶ୍ରେଷ୍ଠତ୍ୱ ଦିଆଯାଇଥିବା ବେଳେ ଭାଗବତୀୟ ନବଧା ଭକ୍ତିରେ ମଧ୍ୟ ଏହାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଯାଇଥିବା ମଧ୍ୟ ଦେଖିବାକୁ ମିଳେ । ନବଧାଭକ୍ତି ସମ୍ବନ୍ଧରେ ପ୍ରଥମେ ଜାଣିଲେ ପରେ ତାହା କିପରି ରଥଯାତ୍ରାରେ ପ୍ରତିପାଦିତ ହୋଇଛି, ତାହା ଆଲୋଚନା କରିବା । ନବଧା ଭକ୍ତି ହେଉଛି ଭଗବତ୍ ସେବାର ନଅଟି ସୁଗମ ସରଣୀ, ଯଥା :-

**ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନଂ ।**
**ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମାତ୍ମନିବେଦନମ୍ ॥**

ଏହାର ଅର୍ଥ ହେଲା, ବିଷ୍ଣୁଙ୍କର ନାମ ଶୁଣିବା, ନାମ କୀର୍ତ୍ତନ କରିବା, ସ୍ମରଣ କରିବା, ପାଦସେବା କରିବା, ପୂଜା କରିବା, ବନ୍ଦନା କରିବା, ଦାସ ତଥା ସଖା ଭାବରେ ସେବା କରିବା ଓ ଶେଷରେ ଆତ୍ମ ନିବେଦନ କରିବା । ଏହି ନବଧା ଭକ୍ତି ଭଗବାନଙ୍କର ନିକଟତର ହେବାର ମାର୍ଗ ବୋଲି ଭାଗବତରେ ଦର୍ଶାଯାଇଅଛି ।

ଶ୍ରବଣ କରିବା ନବଧା ଭକ୍ତିର ପ୍ରଥମ ସୋପାନ । ପ୍ରତି ମୁହୂର୍ତ୍ତରେ କିଛି କିଛି ଶୁଣିବା କାରଣରୁ ଚିତ୍ତ ବଶୀଭୂତ ହୋଇଥିବାରୁ ଶ୍ରବଣେନ୍ଦ୍ରିୟ ହେଉଛି ପ୍ରଭାବଶାଳୀ । ତେଣୁ କୁହାଯାଇଛି, 'ଶ୍ରବଣଂ ନାମଚରିତଗୁଣାଦୀନାଂ ଶ୍ରୁତିର୍ଭବେତ୍' । ଭଗବାନଙ୍କ କଥା, ଲୀଳା ଓ ମାହାତ୍ମ୍ୟ ଶ୍ରବଣରେ ହୃଦୟର କଲ୍ମଷ ଦୂର ହୁଏ । ତେଣୁ ଶ୍ରୀମଦ୍ ଭାଗବତରେ ଯଥାର୍ଥରେ କୁହାଯାଇଛି ଯଥା :-

**ପ୍ରବିଷ୍ଟଃ କର୍ଣ୍ଣରନ୍ଧ୍ରେଣ ସ୍ୱାନାଂ ଭାବସରୋରୁହମ୍ ।**
**ଧୁନୋତି ଶମଳଂ କୃଷ୍ଣଃ ସଲିଳସ୍ୟ ଯଥା ଶରତ୍ ॥**

**(୨.୮.୫)**

ଅର୍ଥାତ୍ - ଭଗବାନ ଶ୍ରୀକୃଷ୍ଣ ନିଜ ଭକ୍ତମାନଙ୍କ କର୍ଣ୍ଣ ରନ୍ଧ୍ରଦ୍ୱାରା ଭାବମୟ ହୃଦୟ କମଳ ଉପରେ ବସି ସକଳ ପାପ ନଷ୍ଟ କରନ୍ତି । ଯେପରି ଶରତ୍ ଋତୁ ସମସ୍ତ ଜଳର କାଳିମା ଦୂର କରିଥାଏ, ସେହିପରି ଶ୍ରୀକୃଷ୍ଣ ହିଁ ଭକ୍ତମାନଙ୍କର ହୃଦୟରୁ କଲ୍ମଷ ଦୂର କରନ୍ତି ଓ ତାହା କରିବା ପାଇଁ ଏକା ସେ ହିଁ ସମର୍ଥ । ସୁତରାଂ ଶ୍ରବଣ ଦ୍ୱାରା ପ୍ରଥମେ ଚିତ୍ତଶୁଦ୍ଧି ହୋଇଥାଏ ।

ଦ୍ୱିତୀୟରେ କୀର୍ତ୍ତନ କରିବା, ଯଥା :- 'ନାମଲୀଳା ଗୁଣାଦୀନାମୁଚ୍ଚୈର୍ଭାଷା ତୁ କୀର୍ତ୍ତନଂ', ଅର୍ଥାତ୍ ଭଗବାନଙ୍କର ନାମ, ଗୁଣ, ଲୀଳା ପ୍ରଭୃତିକୁ ଉଚ୍ଚ ସ୍ୱରରେ କହିବାକୁ କୀର୍ତ୍ତନ କୁହାଯାଏ । ନିଆଁ ଯେପରି ଇନ୍ଧନକୁ ଜାଳିପୋଡ଼ି ପାଉଁଶ କରିଦିଏ, ସେହିପରି ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ଯଦି ପ୍ରଭୁଙ୍କର ନାମକୀର୍ତ୍ତନ କରାଯାଏ, ତାହା ହେଲେ ସମସ୍ତ ପାପ ପୋଡ଼ି ବିନଷ୍ଟ ହୋଇଯାଏ । ଏ ସମ୍ବନ୍ଧରେ ମଧ୍ୟ ଭାଗବତରେ ନିମ୍ନୋକ୍ତମତେ ଉଲ୍ଲିଖିତ ଥିବା ଦେଖିବାକୁ ମିଳେ:-

**ଅଜ୍ଞାନାଦଥବା ଜ୍ଞାନାଦୁତ୍ତମଶ୍ଳୋକନାମ ଯତ୍**
**ସଂକୀର୍ତ୍ତିତମଘଂ ପୁଂସାଂ ଦହେଦେଧୋ ଯଥାନଳଃ ।**
**(୬.୨.୧୮)**

ପୁନଶ୍ଚ ଶ୍ରବଣ କୀର୍ତ୍ତନ ପରେ ତୃତୀୟ ସରଣୀ ହେଲା 'ସ୍ମରଣ', ଅର୍ଥାତ୍ 'ଯଥା କଥଞ୍ଚିନ୍ମନସା ସମ୍ବନ୍ଧଃ ସ୍ମୃତିରୁଚ୍ୟତେ' । ମନ ସହ ସମ୍ବନ୍ଧ ହେଉଛି ସ୍ମରଣ ବା ସ୍ମୃତି । ସ୍ମରଣ ଦ୍ୱାରା ଅନ୍ତରଙ୍ଗ ସମ୍ବନ୍ଧ ଜଡ଼ିତ ଥାଏ ।

ଚତୁର୍ଥ ସରଣୀର ପାଦସେବନରେ, ଅର୍ଚ୍ଚନ ଓ ବନ୍ଦନର ଅବତାରଣା କରାଯାଇଥିଲେ ହେଁ ଏବଂ ବସ୍ତୁତଃ ଏହି ତିନି ମାର୍ଗ ଗୋଟିଏ ଅର୍ଥ ବୁଝାଉ ଥିବା ଜଣାପଡୁଥିଲେ ହେଁ, ତନ୍ମଧ୍ୟରେ ସୂକ୍ଷ୍ମ ପ୍ରଭେଦ ଥିବା ଦେଖାଯାଏ । ଯେପରି ପାଦ ସେବାରେ କୁହାଯାଇଛି, 'ପାଦସ୍ୟ ସର୍ବଭୂତାନି', ଅର୍ଥାତ୍ ସମସ୍ତ ଭୂତ ହେଉଛନ୍ତି ପ୍ରଭୁଙ୍କର ପାଦସ୍ୱରୂପ । ତେଣୁ ଏହି ଭାବରେ ସମସ୍ତ ଭୂତଙ୍କ ଠାରେ କୃତଜ୍ଞତା । ଅର୍ଚ୍ଚନ ଅର୍ଥାତ୍ ନିଜ ବର୍ଣ୍ଣାନୁସାରେ କର୍ମ ହିଁ ହେଉଛି ଅର୍ଚ୍ଚନା । ଏଠାରେ ପଞ୍ଚୋପଚାର ବା ଦଶୋପଚାର ପୂଜାର କୌଣସି ସମ୍ବନ୍ଧ ନାହିଁ । ବନ୍ଦନ ଯାହାକୁ କି ଆମ୍ଭେମାନେ ନମସ୍କାର ବୋଲି କହୁ । ନମସ୍କାର ଦ୍ୱାରା ଅନ୍ତରରୁ ଅହଂଭାବ ଦୂର ହୋଇ ନମ୍ରଭାବ ଜାଗ୍ରତ ହୋଇଥାଏ । ପାଦ ସେବା ଦ୍ୱାରା ସମସ୍ତଙ୍କ ପ୍ରତି ସ୍ନେହଭାବ ଜାଗ୍ରତ ହେବା ସହ ବର୍ଣ୍ଣାନୁସାରେ କର୍ତ୍ତବ୍ୟ କରିବା ଦ୍ୱାରା ଅନ୍ତର ମଧ୍ୟରେ ଏକ ବିନୟ ଭାବ ଜାତ ହୋଇ ଅନ୍ତରକୁ ସ୍ୱଚ୍ଛ କରିଥାଏ ।

ନିଜର ସମସ୍ତ କାର୍ଯ୍ୟକୁ କିଙ୍କର ପରି ଅର୍ପଣ କରିବାକୁ ଦାସ୍ୟଭାବ କୁହାଯାଏ, ଯଥା :- 'ଦାସଂ କର୍ମାର୍ପଣଂ ତସ୍ୟ କୈଙ୍କର୍ଯ୍ୟମପି ସର୍ବଥା' । ଅର୍ଥାତ୍ - ନିଜକୁ ଦାସାନୁଦାସ ଭାବେ କର୍ମ ଅର୍ପଣ କରିବା ଦ୍ୱାରା ମମତ୍ୱ ସମ୍ପୂର୍ଣ୍ଣରୂପେ ବିନାଶ ପ୍ରାପ୍ତ ହୁଏ । ସଖ୍ୟଭାବକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ଯଥା :- 'ବିଶ୍ୱାସୋ ମିତ୍ରବୃତ୍ତିଶ୍ଚ ସଖ୍ୟଂ ଦ୍ୱିବିଧମୀରିତମ୍ ।'

ଅର୍ଥାତ୍ - ପ୍ରଭୁଙ୍କ ଠାରେ ଅଖଣ୍ଡ ବିଶ୍ୱାସ ଓ ମିତ୍ରବୃତ୍ତି ଆଚରଣ କରିବା ଦ୍ୱାରା ସଖ୍ୟଭାବ ସଫଳ ହୋଇଥାଏ । ଶେଷଭାବ ହେଉଛି ଆତ୍ମ ନିବେଦନ, ଯଥା :- 'ତତ୍ କୁରୁସ୍ୱ ମଦର୍ପଣମ୍' ଏହି ନୀତିରେ କାର୍ଯ୍ୟ ଅକାର୍ଯ୍ୟ ସବୁ କିଛିକୁ ଓ ନିଜକୁ ସଂପୂର୍ଣ୍ଣ ରୂପେ ଭଗବାନଙ୍କ ନିକଟରେ ସମର୍ପିତ କରିବାକୁ ହିଁ ଆତ୍ମ ନିବେଦନ କୁହାଯାଏ । ଯେପରି ବିକ୍ରି କରାଯାଇଥିବା ପଶୁପାଇଁ କୌଣସି ରକ୍ଷଣ ଚିନ୍ତା କରାଯାଏ ନାହିଁ, ସେହିପରି ସର୍ବାଙ୍ଗକୁ ପ୍ରଭୁଙ୍କ ପାଖରେ ସମର୍ପଣ କରି ଦେଲେ ତାହାର ରକ୍ଷଣ ଜନିତ ଚିନ୍ତାରୁ ମୁକ୍ତି ମିଳିଥାଏ । ଏହି ବିଶ୍ଳେଷଣଟି 'ଭକ୍ତି ବିବେକ' ଗ୍ରନ୍ଥରେ ନିମ୍ନମତେ ବର୍ଣ୍ଣିତ ଥିବା ଦେଖାଯାଏ । ଯଥା :-

**ଚିନ୍ତାଂ କୁର୍ଯ୍ୟାନ୍ନ ରକ୍ଷୟେତ୍‌ବିକ୍ରିତସ୍ୟ ଯଥା ପଶୋଃ**
**ତଥାର୍ପୟନ୍ ହରୌ ଦେହଂ ବିରମେତ୍ତସ୍ୟ ରକ୍ଷଣାତ୍**

ଏହା ହିଁ ହେଉଛି ସଂକ୍ଷେପରେ ନବଧା ଭକ୍ତି । ଭାଗବତର ଏହି ନଅଟି ଯାକ ଭକ୍ତି ଏକ ସମୟରେ, ଏକସ୍ଥାନରେ ଏକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ହିଁ ଆଚରିତ ହୁଏ । ପହଣ୍ଡି ବିଜୟଠାରୁ ଆରମ୍ଭ କରି ରଥାରୂଢ଼ ଜଗନ୍ନାଥଙ୍କୁ ଦେଖିବା ନିମନ୍ତେ ଅସଂଖ୍ୟ ଭକ୍ତଙ୍କ ସମାଗମ ହୁଏ । ବଡ଼ ଦାଣ୍ଡର ଭବ ସମୁଦ୍ରରେ ଭକ୍ତଗଣ ତଦ୍‌ଗତ । ଭଗବାନଙ୍କ ନାମ ଶ୍ରବଣ, ଚକାଡ଼ୋଳା, କଳାସାଆନ୍ତ, କାଳିଆ, ମଣିମା ଓ ଦେବାଧିରାଜ ପ୍ରଭୃତି ନାମାବଳିର କୀର୍ତ୍ତନରେ ଭକ୍ତ ମସଗୁଲ । ଦାସିଆବାଉରି, ବନ୍ଧୁମହାନ୍ତି, ସାଲବେଗ ପରି ବହୁ ଭକ୍ତଙ୍କ ଅଲୌକିକତାର ସ୍ମରଣରେ ଭକ୍ତର ହୃଦୟ ଓ ଚକ୍ଷୁ ଅଶ୍ରୁଳ, ପାଦସେବନ, ଅର୍ଚ୍ଚନ ଓ ବନ୍ଦନ ସେହି ବଡ଼ ଦାଣ୍ଡରେ ସ୍ୱତଃ ଆଚରିତ, ଦାସାନୁଦାସ ଭାବରେ ନିଜ ନିଜର କର୍ମ ସମର୍ପଣ କରି ସଖ୍ୟଭାବରେ ଅଖଣ୍ଡ ବିଶ୍ୱାସର ସହ ପ୍ରଭୁଙ୍କୁ କୁଣ୍ଢାଇ ଧରି ତାହାଙ୍କ ଶ୍ରୀଅଙ୍ଗ ସହ ନିଜକୁ ମିଶାଇ ଦେବାର ଚେଷ୍ଟା ଏବଂ ସର୍ବତୋଭାବେ ଉପରକୁ ହାତ ଟେକି ନିଜକୁ ସମର୍ପଣ କରି ଦେବାର ଭାବ କେବଳ ନୀଳାଦ୍ରିରେ ହିଁ ସମ୍ଭବ ଏବଂ ତାହା ହିଁ କେବଳ ରଥଯାତ୍ରାରେ ପ୍ରତିଫଳିତ । ଏଥିରେ ତିଳାର୍ଦ୍ଧ ସନ୍ଦେହ ନାହିଁ ।

ସର୍ବୋପରି ଶାସ୍ତ୍ରରେ ନିର୍ଦ୍ଦେଶିତ ନଅଟିଯାକ ଭକ୍ତି ଏକା ବେଳକେ ଏକ ସମୟରେ ଏକ ସ୍ଥାନରେ ଏବଂ ଗୋଟିଏ ଦିନରେ ପରିସ୍ଫୁଟ ହେବା କେବଳ ଶ୍ରୀଗୁଣ୍ଡିଚା ରଥଯାତ୍ରା ଛଡ଼ା ଅନ୍ୟ କୁତ୍ରାପି ସମ୍ଭବ ହୋଇ ନ ପାରେ । ସୁତରାଂ ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ରଥଯାତ୍ରା ହିଁ କେବଳ ଏକ ମାତ୍ର ମୁଖ୍ୟ ଯାତ୍ରା, ଯାହାକି ଓଡ଼ିଆ ସାହିତ୍ୟ ଓ ନବଧା ଭକ୍ତିରେ ପ୍ରତିପାଦିତ ହୋଇପାରିଛି ।

**ଜିଲ୍ଲା କୋଷାଗାର, ପୁରୀ**